## କୃଷି ସୂଚନା ସେବା (ଧାନ)

## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

**୨୦୧୭ ମସିହା ଅପ୍ରେଲ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଧାନକୁ ବିହନ ହିସାବରେ ବ୍ୟବହାର କରିବାକୁ ଥିଲେ ବିଲରୁ ମିଶା ଧାନ ଗଛ ଭଲଭାବରେ ବାଛିଦିଅନ୍ତୁ ।
- ବର୍ତ୍ତମାନ ଅବସ୍ଥାରେ ଗନ୍ଧିପୋକ ଏବଂ କେଣ୍ଡାକଟା ସଂବାଳୁଆ ଦେଖାଦେଇପାରନ୍ତି । ଗନ୍ଧିପୋକର ଆର୍ଥିକଦେହଳୀ ସୀମା ହେଲା ବର୍ଗମିଟର ପିଛା ୨-୪ ଟି ପୋକ/ବର୍ଗମିଟର ଏହାର ସଂଖ୍ୟା ଯଦି ଆର୍ଥିକ  ଦେହଳୀ ସୀମାରୁ ଅଧିକ ହେଲା ତେବେ ନିମ୍ନଲିଖିତ କୀଟନାଶକଔଷଧ ହେକ୍ଟର ପିଛା ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

  **ଗନ୍ଧିପୋକ**

  ଇଥୋଫେନ୍‌ପ୍ରକ୍ସ ୧୦ EC-୫୦୦ ମି.ଲି/ହେକ୍ଟର କିମ୍ବା

  ମାଲାଥିଅନ୍ ୫D-୨୫ କି.ଗ୍ରା / ହେକ୍ଟର ଏହି ଗୁଣ୍ଡକୁ ସକାଳେ ପବନ ନଥିବା ସମୟରେ ପ୍ରୟୋଗ କରନ୍ତୁ।

  **କେଣ୍ଡା କଟା ସଂବାଳୁଆ**

  କୁଇନାଲଫସ୍ ୨୫ EC ୧୦୦୦ ମି.ଲି./ହେକ୍ଟର କିମ୍ବା କ୍ଲୋରୋପାଇରିଫସ୍ ୨୦ EC ୧୨୫୦ ମି.ଲି./ହେକ୍ଟର
- ଯେତେବେଳେ ଶତକଡା ୮୦ ଭାଗ ଧାନ ପାକଳ ହୋଇଯାଇଥିବ ସେହି ସମୟରେ କାଟନ୍ତୁ ନଚେତ୍, ଡାଳୁଅ ଧାନରେ ଧାନ ଝଡିଯିବାର ସମ୍ଭାବନା ଅଧିକା ଥାଏ।
- ଧାନ ସାଇତି ରଖିବା ପାଇଁ ସୁଖାଇବା ସମୟରେ ଆର୍ଦ୍ରତା ଶତକଡା ୧୪ ଭାଗ ରହିବା ଦରକାର। ସେଥିପାଇଁ ଭଲ ଖରାରେ ପ୍ରାୟ ୨ ଦିନ ପର୍ଯ୍ୟନ୍ତ ଶୁଖାଇବା ଆବଶ୍ୟକ।
- ବର୍ଷାଶ୍ରିତ ଖାଲୁଆ ଜମି ଯେଉଁଠାରେ ଧାନ ଛଟାବୁଣା କରାଯାଏ ସେଠାରେ ଖରାଟିଆ ପ୍ରଥମ ଚଷ ପତ୍ରମୋଡା ଲଙ୍ଗଳରେ କରିଦିଅନ୍ତୁ।

*****